# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
**8 January - 2025**
**News Editor : *Tapan Kumar Maharana***
********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଜନତା ମୈଦାନରେ ଆଜିଠାରୁ ଆରମ୍ଭ ହେଲା ତ୍ରିଦିବସୀୟ ପ୍ରବାସୀ ଭାରତୀୟ ସମ୍ମିଳନୀ

— ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

— ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକଶିତ ପଥରେ ଅଗ୍ରସର ହେଉଛି; କହିଲେ, ବୈଦେଶିକ ବ୍ୟାପାର ମନ୍ତ୍ରୀ

— ସମ୍ମିଳନୀରେ ଯୋଗଦେବା ପାଇଁ ଆଉ କିଛି ସମୟ ପରେ ଭୁବନେଶ୍ୱରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ

ଏବଂ

- ରାଜ୍ୟର ବିଭିନ୍ନ ବନାଞ୍ଚଳର ଗଣ୍ଡ ଓ ଡ୍ୟାମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି କୁମ୍ଭୀର ଗଣନା

# ପ୍ରବାସୀ ଭାରତୀୟ ସମ୍ମିଳନୀ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଜି ଭୁବନେଶ୍ୱର ଜନତା ମୈଦାନରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଉପସ୍ଥିତିରେ ସମ୍ମିଳନୀ ଆରମ୍ଭ ହୋଇଛି। ସମ୍ମିଳନୀର ପ୍ରାରମ୍ଭରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ  ପ୍ରତ୍ୟେକ ପ୍ରବାସୀ ଜଣେ ଜଣେ ଦେଶର ସାଂସ୍କୃତିକ ରାଷ୍ଟ୍ରଦୂତ ବୋଲି ଅଭିହିତ କରିଛନ୍ତି। ବିକଶିତ ଭାରତରେ ପ୍ରବାସୀ ଭାରତୀୟଙ୍କର ଅନେକ ଅମୂଲ୍ୟ ଅବଦାନ ରହିଛି। ବିକଶିତ ଭାରତ ଗଠନ ଦିଗରେ ସମସ୍ତେ ଏକାଠି ହୋଇ କାମ କରିବା ସହ ସଶକ୍ତ ହେବା ଦିଗରେ ଯତ୍ନବାନ୍ ହେବାପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଅଭିଭାଷଣର ଆରମ୍ଭରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକଶିତ ପଥରେ ଅଗ୍ରସର ହେଉଛି। ଏକ ଆଧୁନିକ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ  ଭାରତ ଆଗେଇ ଚାଲିଛି। ଯୁବସମାଜ ଆଗ ଧାଡିରେ ରହି ଦେଶର ନେତୃତ୍ୱ ନେବେ।

ଭାରତ ବର୍ତ୍ତମାନ ଅମୃତକାଳରେ ପ୍ରବେଶ କରିଛି ଏଥିରେ ଯୁବବର୍ଗଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି  ମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭୀୟ ତାଙ୍କ ଅଭିଭାଷଣରେ  କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ଯୁବବର୍ଗଙ୍କ ଭାଗିଦାରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ହିତ ପାଇଁ ଯୁବବର୍ଗଙ୍କୁ ଯୋଗଦାନ କରିବାକୁ ଶ୍ରୀ ମାଣ୍ଡଭୀୟ ଆହ୍ୱାନ ଦେବା ସହିତ ଆଗାମୀ ଦିନରେ ୧ ଲକ୍ଷ ଯୁବ ନେତୃତ୍ୱ ଗଠନ ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି।

ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଦିବସରେ ମୁଖ୍ୟଅତିଥିଭାବେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଥିମ୍ ପାଭିଲିୟନକୁ ଉଦଘାଟନ କରିବା ସହିତ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ପାଇଁ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ।  ସମ୍ମିଳନୀରେ ଯୋଗ ଦେବାପାଇଁ ଆଉ କିଛି ସମୟ ପରେ  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭୁବନେଶ୍ୱରରେ ପହଞ୍ଚିବେ।

ଆସନ୍ତାକାଲି ଅପରାହ୍ନ ଅଧିବେଶନରେ ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟମାନଙ୍କ ସହ ବିକଶିତ ଭାରତ-୨୦୪୭ ସମ୍ବନ୍ଧରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତିନିଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଶୁକ୍ରବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେବା ସହିତ କେତେଜଣ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରିବେ।

ବିଶ୍ୱର ବିଭିନ୍ନ କୋଣରୁ ବହୁ ସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ଯୋଗ ଦେଇଛନ୍ତି।

ପୂର୍ବାହ୍ଣ ଅଧିବେଶନରେ ମୁଖ୍ୟତଃ ଜଗତୀକରଣ-କାଳଖଣ୍ଡର ଯୁବନେତୃତ୍ୱ ସମ୍ବନ୍ଧରେ ଆଲୋଚନା ହେବା ସହିତ ଓଡ଼ିଶା ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର

ଅଧିବେଶନରେ 'ଭାରତର ସର୍ବୋତ୍ତମ ସୁରକ୍ଷିତ ରହସ୍ୟର ଉନ୍ମୋଚନ' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଜିର ଅଧିବେଶନରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଓଡ଼ିଶା ଏକ ପର୍ଯ୍ୟାପ୍ତ ସୁଯୋଗର ଗନ୍ତାଘର' ଏବଂ ଦେଶର ଲୁକ୍କାୟିତ ପ୍ରତିଭା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

## ପ୍ରବାସୀ ଭାରତୀୟ-ପ୍ରଭାତୀ ପରିଡା

ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ପ୍ରବାସୀ ଭାରତୀୟ ସମ୍ମିଳନୀର ପ୍ରଥମ ଦିନରେ ଆଜି ଓଡ଼ିଶାର ଶ୍ରେଷ୍ଠ ସୁରକ୍ଷିତ ରହସ୍ୟର ଉନ୍ମୋଚନ ପ୍ରସଙ୍ଗ ଉପରେ ଆୟୋଜିତ ଅଧିବେଶନରେ ଶ୍ରୀମତୀ ପରିଡା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ଓଡ଼ିଶାର କଳା, ସଂସ୍କୃତି, ଇତିହାସ ଏବଂ ପରମ୍ପରା କାଳଜୟୀ ହୋଇ ରହିଛି। ପ୍ରାକୃତିକ ସମ୍ପଦ ପ୍ରାଚୁର୍ଯ୍ୟରେ ଭରପୂର ଓଡ଼ିଶାର ଲୋକକଳା, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ସଂଗୀତ ଓ ଖାଦ୍ୟ ପରମ୍ପରାର ସ୍ୱାତନ୍ତ୍ର୍ୟ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ରାଜ୍ୟର ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷିତ କରିବା ସହିତ ଲୋକକଳା ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳି ଏବଂ ଇକୋ-ରିଟ୍ରିଟ୍‌ଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଦିଗରେ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି। ନିଯୁକ୍ତି ପ୍ରଦାନ କ୍ଷେତ୍ରରେ

ରାଜ୍ୟର ମହିଳାମାନଙ୍କର ଅଗ୍ରଣୀ ଭୂମିକା ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

ଓଡ଼ିଶାର ପ୍ରସିଦ୍ଧ ମନ୍ଦିର, ଅଭୟାରଣ୍ୟ, ଅରଣ୍ୟସମ୍ପଦ, ବନ୍ୟପ୍ରାଣୀ ସମ୍ପଦ ଓ ଖାଦ୍ୟସଂସ୍କୃତି ସମ୍ପର୍କରେ ଆଜିର ଅଧିବେଶନରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନାରେ ଭାରତର ଜି.୨୦ ଶେରପା ଅମିତାଭ୍‌କାନ୍ତ ବିଶିଷ୍ଟ ସେଫ୍ ସଞ୍ଜୀବ୍ କପୁର, ଲଳିତ ସୁରୀ, ହସ୍‌ପିଟାଲିଟି ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତ୍ସ୍ନା ସୁରୀ, ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ବଲବନ୍ତ ସିଂ ପ୍ରମୁଖ ଏହି ଅଧିବେଶନରେ ଉପସ୍ଥିତ ଥିଲେ।

## ରାଜଭବନ ଉଦ୍ୟାନ

ଭୁବନେଶ୍ୱର ରାଜଭବନ ଉଦ୍ୟାନ ଚଳିତମାସ ୧୩ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଭ୍ରମଣ ପାଇଁ ଖୋଲା ରହିବ। ଉଦ୍ୟାନ ପରିଦର୍ଶନ, ରାଜଭବନ ଓଡ଼ିଶା ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରି ଇଚ୍ଛୁକ ବ୍ୟକ୍ତିମାନେ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ୫ଟା ପର୍ଯ୍ୟନ୍ତ ଉଦ୍ୟାନ ଭ୍ରମଣ କରିପାରିବେ। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡିବ ନାହିଁ। ସ୍କୁଲ ଛାତ୍ରଛାତ୍ରୀମାନେ ସକାଳ ସାଢ଼େ ୮ଟାରୁ ୧୦ଟା ମଧ୍ୟରେ ଉଦ୍ୟାନ ପରିଭ୍ରମଣ କରିପାରିବେ। ରାଜଭବନ ୱେବ୍‌ସାଇଟ୍ rajbhabanodisha.gov.in ରେ ଏ ସମ୍ପର୍କରେ ଅଧିକ ତଥ୍ୟ ଉପଲବ୍ଧ ଅଛି।

## କୁମ୍ଭୀର ଗଣନା

ରାଜ୍ୟର ବନାଞ୍ଚଳଗୁଡ଼ିକରେ ଥିବା ଗଣ୍ଡ ଏବଂ ଡ୍ୟାମ୍‌ଗୁଡ଼ିକରେ ଆଜିଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି।

**ବୌଦ୍ଧ** ଜିଲ୍ଲା ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳର ସାତକୋଶିଆ ଗଣ୍ଡରେ କୁଶଙ୍ଗ ରେଞ୍ଜ ପକ୍ଷରୁ ଚଳିତବର୍ଷର କୁମ୍ଭୀର ଗଣନା ଆରମ୍ଭ ହୋଇଛି । ମାରୁଡାଠାରୁ ଶୀତଳପାଣି, ଶୀତଳପାଣିଠାରୁ ହରଭଙ୍ଗା ଏବଂ ହରଭଙ୍ଗାଠାରୁ ଅୟେଡା ପର୍ଯ୍ୟନ୍ତ ୩ଟି ଦଳରେ ବିଭକ୍ତ ହୋଇ ଗଣନାକାରୀମାନେ ଗଣନା କରୁଛନ୍ତି । ମାଛଧରା ଡଙ୍ଗା ସାହାଯ୍ୟରେ ନଦୀମଧ୍ୟରେ କ୍ୟାମେରା, ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ୩ ଦିନ ଧରି ଚାଲିବାକୁ ଥିବା ଏହି କୁମ୍ଭୀର ଗଣନା କାର୍ଯ୍ୟରେ ଘଡିଆଳ କୁମ୍ଭୀର ବିଶେଷଜ୍ଞଙ୍କୁ ମଧ୍ୟ ସାମିଲ କରାଯାଇଛି । ସୂଚନାଯୋଗ୍ୟ, ସାତକୋଶିଆ ଗଣ୍ଡରେ ଗତବର୍ଷ ୩୫ଟି ଅଣ୍ଡାରୁ ସୁସ୍ଥ ଶାବକ ଜନ୍ମ ନେଇଥିଲେ ।

ସେହିଭଳି **ଗଞ୍ଜାମ** ଜିଲ୍ଲାର ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଖମାରି ଗାଁ ନିକଟସ୍ଥ ଘୋଡାହାଡ ଡ୍ୟାମ୍‌ରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି । ଘୋଡାହାଡ଼ ଜଳଭଣ୍ଡାରକୁ ୧୦ଟି ଭାଗରେ ବିଭକ୍ତ କରାଯାଇ କୁମ୍ଭୀର ଗଣନା କରାଯାଉଛି । ଗଣନାକାର୍ଯରେ ୬ଟି ଦଳ ନିୟୋଜିତ କରାଯାଇଛି । ବନବିଭାଗର ସୂଚନା ଅନୁସାରେ, ଘୋଡାହାଡ ଡ୍ୟାମ୍‌ରେ ୨୦୨୨ ମସିହାରେ କୁମ୍ଭୀରଙ୍କ ସଂଖ୍ୟା ୭୬ଟି ଥିବାବେଳେ ୨୦୨୪ ମସିହାରେ ଏହାର ସଂଖ୍ୟା ୮୪ରେ ପହଞ୍ଚିଥିଲା ।

## ପରଲୋକ-ସଦନ ନାୟକ

କୋଟପାଡ୍‌ର ପୂର୍ବତନ ବିଧାୟକ ସଦନ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତଃ ନାୟକ ଜଣେ ଦକ୍ଷ ସଂଗଠନ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଭାବେ କୋରାପୁଟ ଜିଲ୍ଲାରେ ଲୋକପ୍ରିୟତା ଅର୍ଜନ କରିଥିଲେ । ୧୯୯୦ ମସିହାରୁ ୧୯୯୫ ମସିହା

ପର୍ଯ୍ୟପ୍ତ କୋଟପାଡ଼୍‌ର ବିଧାୟକ ଭାବେ ନିର୍ବାଚିତ ହୋଇ ତାଙ୍କ ନିର୍ବାଚନମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଗମନାଗମନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପ୍ରବାସୀ ଭାରତୀୟ-ପ୍ରତିଯୋଗିତା

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ କୁମାର ଦାସ, ପ୍ରମୁଖ ଯୋଗଦେଇ ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କର ଭାଗିଦାରୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

୧୮ତମ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ **ଭଦ୍ରକ** ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଦେଶ ଓ ଦେଶବାହାରେ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ରୂପକ ମହୋତ୍ସବ

ପୁରୀ ଶ୍ରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ତୃତୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ ଆରମ୍ଭ ହୋଇଛି। କେନ୍ଦ୍ରୀୟ ସଂସ୍କୃତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ପୂର୍ବ କ୍ଷେତ୍ରୀୟ ଅଞ୍ଚଳର

ଛାତ୍ରଛାତ୍ରୀମାନେ ଯୋଗଦେଇଛନ୍ତି । ରାଜ୍ୟସଭା ସାଂସଦ ସୁଭାଶିଷ୍ ଖୁଣ୍ଟିଆ, ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର, ପ୍ରଫେସର କେଶବ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ରୂପକର ସାରାଂଶକୁ ନେଇ ପୂର୍ବରଙ୍ଗ ପରିବେଷଣ କରାଯାଇଥିଲା । ଶିରିଷନାଥ ଝାଙ୍କ ରଚିତ କୃଷିଫଳମ୍ ଏବଂ ପ୍ରଫେସର ରାମଜୀ ଉପାଧ୍ୟାୟଙ୍କ ରଚିତ ଶମ୍ଭୂକାଭିଷେକମ୍ ରୂପକ ମଞ୍ଚସ୍ଥ କରାଯାଇଥିଲା । ଏହି ରୂପକ ମହୋତ୍ସବ ଆସନ୍ତା ଶୁକ୍ରବାର ଦିନ ଉଦ୍‌ଯାପିତ ହେବ । ଏଥିରେ ରାଜ୍ୟ ବାହାରୁ ୬ଟି ନାଟ୍ୟ ଦଳ ଅଂଶଗ୍ରହଣ କରିଛନ୍ତି ।

## ସାରସ୍ୱତ ସମ୍ମିଳନୀ

ଉତ୍କଳଘଣ୍ଟ ଯଦୁମଣିଙ୍କର ୨୪୫ତମ ରାଜ୍ୟସ୍ତରୀୟ ଜୟନ୍ତୀ **ନୟାଗଡ଼** ଜିଲ୍ଲା ଇଟାମାଟିଠାରେ ପାଳିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଯଦୁମଣି କ୍ଲବ୍ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ସମାରୋହରେ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଅଶୋକ କୁମାର ନାୟକ, ବରିଷ୍ଠ ସାହିତ୍ୟିକ ଦାସ ବେନହୁର, ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବ୍ୟଙ୍ଗ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସାରସ୍ୱତ ସାଧକ ଯଦୁମଣିଙ୍କର କାଳଜୟୀ ରଚନା 'ରାଘବ ବିଳାସ' ଏବଂ ପ୍ରବନ୍ଧ 'ପୂର୍ଣ୍ଣଚନ୍ଦ୍ର' ଭଳି ଉଲ୍ଲେଖନୀୟ କୃତୀ ସମ୍ପର୍କରେ ଆଲୋଚାନ କରିଥିଲେ ।

*********************************